# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**04 October – 2025**

*****************************************

## ମୁଖ୍ୟ ସମ୍ବାଦ

- ଯୁବପିଢ଼ିଙ୍କ ବିକାଶ ପାଇଁ ୬୨ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

– କହିଲେ, ଦକ୍ଷତା ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ

- ଦାବିଦାର ବିହୀନ ସମ୍ପତ୍ତି ସମ୍ପର୍କିତ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଦେଶବ୍ୟାପୀ ଆରମ୍ଭ ହେଲା 'ଆପ୍ କି ପୁଞ୍ଜି, ଆପ୍ କା ଅଧିକାର ଅଭିଯାନ

- ରାଜ୍ୟରେ 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିବା ସରକାରଙ୍କ ସୂଚନା

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ୨୦ଟି ଜିଲ୍ଲାରେ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ

# ପିଏମ୍- ୟୁଥ୍ ସ୍କିମ୍

ରାଷ୍ଟ୍ର ନିର୍ମାଣରେ ଦକ୍ଷତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି।  ନୂଆଦିଲ୍ଲୀଠାରେ ଆଜି ଯୁବପିଢ଼ିଙ୍କ ବିକାଶ ପାଇଁ ୬୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ସମ୍ପର୍କିତ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରି ଶ୍ରୀ ମୋଦୀ କହିଛନ୍ତି, ଦକ୍ଷତା ବିକାଶ ଏବଂ ନବସୃଜନକୁ ପ୍ରୋତ୍ସାହନ ଦେଇ ସରକାର ଭବିଷ୍ୟତର ନେତୃତ୍ୱ ନେବା ପାଇଁ ଯୁବଶକ୍ତିକୁ ପ୍ରସ୍ତୁତ କରୁଛନ୍ତି। ଭାରତ ଦକ୍ଷତା ଏବଂ ଜ୍ଞାନର ଦେଶ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O -**

ବିଜ୍ଞାନ ଭବନଠାରେ ଆୟୋଜିତ କୌଶଳ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ଶ୍ରୀ ମୋଦୀ’ ପ୍ରଧାନମନ୍ତ୍ରୀ ସେତୁ ଯୋଜନାର ଶୁଭାରମ୍ଭ କରିଥିଲେ। ପିଏମ୍-ସେତୁ ଯୋଜନାରେ ଦେଶର ଏକ ହଜାରରୁ ଊର୍ଦ୍ଧ୍ୱ ଆଇ.ଟି.ଆଇ.ର ରୂପାନ୍ତରଣ କରାଯିବ। ଏଥିସହ ପ୍ରଧାନମନ୍ତ୍ରୀ ଆଜି ଦେଶର ୩୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଥିବା ୪୦୦ଟି ନବୋଦୟ ବିଦ୍ୟାଳୟ ଏବଂ ୨୦୦ଟି ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ୧ ହଜାର ୨୦୦ଟି ଧନ୍ଦାମୂଳକ ଦକ୍ଷତା ଲ୍ୟାବର ଶୁଭାରମ୍ଭ କରିଛନ୍ତି।

Desk

# ସୀତାରମଣ - ପୁଞ୍ଜି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଗୁଜରାଟର ଗାନ୍ଧିନଗରଠାରୁ 'ଆପ୍ କି ପୁଞ୍ଜି - ଆପ୍ କା ଅଧିକାର' ଅଭିଯାନର ଶୁଭାରମ୍ଭ କରିଛନ୍ତି । ସମଗ୍ର ଦେଶରେ ଆର୍ଥିକ ବ୍ୟବସ୍ଥାରେ ବିଭିନ୍ନ କ୍ଷେତ୍ରରେ ପଡ଼ିରହିଥିବା ଦାବି ବିହୀନ ଆର୍ଥିକ ସମ୍ପତ୍ତିଜନିତ ସମସ୍ୟାର ତ୍ୱରିତ ସମାଧାନ କରିବା ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ଆୟୋଜିତ ଏକ ସମାବେଶରେ ଉଦ୍‌ବୋଧନ ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ଏହି ଅଭିଯାନ ମାଧ୍ୟମରେ ଦାବି କରାଯାଇ ନ ଥିବା ଜମାରାଶିକୁ ଏହାର ବୈଧ ଦାବିଦାରମାନଙ୍କୁ ହସ୍ତାନ୍ତର ସୁନିଶ୍ଚିତ କରାଯାଇପାରିବ । ଆର୍ଥିକ ପ୍ରତିଷ୍ଠାନ ଏବଂ ଦାବିଦାରମାନଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରି ଶ୍ରୀମତୀ ସୀତାରମଣ କହିଛନ୍ତି, ଜନସାଧାରଣଙ୍କ ଆର୍ଥିକ ସଶକ୍ତୀକରଣ କ୍ଷେତ୍ରରେ ଏହି ପଦକ୍ଷେପ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ।

BBSR/R

# ବିପର୍ଯ୍ୟୟ ଭବନ ନିର୍ମାଣ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିପର୍ଯ୍ୟୟର ମୁକାବିଲା ପାଇଁ ସରକାର ବିପର୍ଯ୍ୟୟ ଭବନ ନିର୍ମାଣ କରିବେ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ୨୦୦ କୋଟି ଟଙ୍କା ବ୍ୟୟରେ ଏହି

ବିପର୍ଯ୍ୟୟ ଭବନ ନିର୍ମାଣ କରାଯିବ। ଭୁବନେଶ୍ୱର ଲୋକସେବା ଭବନ ନିକଟରେ ପ୍ରତିଷ୍ଠା ହେବାକୁ ଥିବା ଏହି ଭବନରେ ଏସ୍.ଆର୍.ସି., ଅଗ୍ନିଶମ ଏବଂ ପାଣିପାଗ ବିଭାଗ ଏକାଠି କାମ କରିବେ। କେନ୍ଦ୍ର ସରକାରଙ୍କ ସହଯୋଗରେ ବିପର୍ଯ୍ୟୟର ମୁକାବିଲା ପାଇଁ ଅତ୍ୟାଧୁନିକ କୌଶଳର ବ୍ୟବହାର କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

Nuapada

## ଗଣଶିକ୍ଷା ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନୂଆପଡ଼ା ଗସ୍ତରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ନାମ ଲେଖାଇବା ଏବଂ ଉପଯୁକ୍ତ ଶିକ୍ଷା ପ୍ରଦାନ ନେଇ ମନ୍ତ୍ରୀ ଶ୍ରୀ ଗଣ୍ଡ ଗୁରୁତ୍ୱାରୋପ କରିଛନ୍ତି। ଜିଲ୍ଲାରେ ଅଭିନବ ଉପାୟରେ ଶୋଭାଯାତ୍ରା କରି ‘ସ୍କୁଲ ଚାଲ ଅଭିଯାନ’ ସମ୍ପର୍କରେ ସଚେତନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଶିକ୍ଷାର ବିକାଶ ପାଇଁ ବିଭାଗୀୟ କର୍ମଚାରୀମାନେ ପଦକ୍ଷେପ ନେବା ପାଇଁ ସେ କହିଛନ୍ତି। ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାସ, ଉପଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇଥିଲେ।

BBSR/R

## ସୁସ୍ଥ ନାରୀ, ସଶକ୍ତ ପରିବାର

ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନରେ ରାଜ୍ୟରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ

କୁହାଯାଇଛି । ଏ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଗତ ମାସ ୧୭ ତାରିଖରୁ ଚଳିତ ମାସ ୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ଅଭିଯାନରେ ରାଜ୍ୟବ୍ୟାପୀ ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଜନସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୭୧ ହଜାର ୧୩୨ଟି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । ମହିଳାଙ୍କ ସ୍ୱାସ୍ଥ୍ୟ ମାଧ୍ୟମରେ ପରିବାରକୁ ସଶକ୍ତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଅଭିଯାନ ସମୟରେ ପ୍ରତିରୋଧକ ସ୍ୱାସ୍ଥ୍ୟ ସେବା ପାଇଁ ମହିଳାମାନଙ୍କୁ ସଂଗଠିତ କରିବାରେ ଓଡ଼ିଶାର ସଫଳତାକୁ ଦର୍ଶାଉଛି ।

Desk

## ଖଦି କାରିଗର ମହୋତ୍ସବ

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ହରିୟାଣାର ରୋହତକଠାରେ ଖଦି କାରିଗର ମହୋତ୍ସବରେ ଯୋଗଦେଇ କାରିଗରମାନଙ୍କୁ ବିଭିନ୍ନ ଯନ୍ତ୍ରପାତି ବଣ୍ଟନ କରିଥିଲେ । ମନ୍ତ୍ରୀ ଶ୍ରୀ ଶାହା ଖଦି କ୍ଷେତ୍ରରେ ବିକାଶ ନିମନ୍ତେ ୩୩ କୋଟି ୬୬ ଲକ୍ଷ ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଆଭାସୀ ମାଧ୍ୟମରେ ୮ହଜାର ୩୧୦ଟି ନୂତନ ପି.ଏମ୍.ଇ.ଜି.ପି. ୟୁନିଟ୍‌ର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ଶ୍ରୀ ଶାହା’ ଖଦୀ ବସ୍ତ୍ର ପରିଧାନ ପାଇଁ ଆହ୍ୱାନ ଦେଇଥିଲେ । ସେ କହିଥିଲେ, ଜାତୀୟ ପାଇଁ ଖଦୀ ଏବଂ ପରିବର୍ତ୍ତନ ପାଇଁ ଖଦୀ ମନ୍ତ୍ରକୁ ଗ୍ରହଣ କରି ଦେଶର ଅର୍ଥନୀତି ସୁଦୃଢ଼

ହୋଇଛି। କାର୍ଯ୍ୟକ୍ରମରେ ହରିୟାଣାର ମୁଖ୍ୟମନ୍ତ୍ରୀ ନାୟବ ସୈନି, ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଏବଂ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ଅଧକ୍ଷ ଯୋଗଦେଇଥିଲେ।

Desk

## ଜିଏସ୍‌ଟି

ଜିଏସ୍‌ଟି ପରିଷଦ ବୈଠକରେ ଜିଏସ୍‌ଟି ସଂସ୍କାରକୁ ନେଇ ନିଆଯାଇଥିବା ନିଷ୍ପତ୍ତି ଦ୍ୱାରା ସମାଜର ସବୁବର୍ଗର ଲୋକେ ଉପକୃତ ହେଉଛନ୍ତି। ବୟନଶିଳ୍ପ କ୍ଷେତ୍ରରେ ମଧ୍ୟ ଜିଏସ୍‌ଟି ସଂସ୍କାରର ବିଶେଷ ପ୍ରଭାବ ପଡ଼ିଛି।

ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ...

ସାଧାରଣ ଜନତାଙ୍କୁ ବିଶେଷଭାବେ ଲାଭାନ୍ୱିତ କରିବା ଉଦ୍ଦେଶ୍ୟରେ ସରକାର ବୟନ ଶିଳ୍ପ କ୍ଷେତ୍ରରେ ଜି.ଏସ୍.ଟି. ଦର ହ୍ରାସ କରିଛନ୍ତି । ଆଗାମୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଅନୁଯାୟୀ ହାତ ତିଆରି ତନ୍ତୁ ଉପରେ ଟିକସ ଦରକୁ ୧୮ରୁ ୫ ପ୍ରତିଶତକୁ ହ୍ରାସ ପାଇଛି । ସେହିଭଳି ହାତ ତିଆରି ସୂତା ଉପରେ ଟିକସ ହାର ୧୨ରୁ ୫ ପ୍ରତିଶତକୁ କମା ଯାଇଛି । ଏହାଦ୍ୱାରା ସାଧାରଣ ଜନତା ଆର୍ଥିକ ଲାଭ ପାଇପାରିବେ । ଏହାଛଡ଼ା ୨ ହଜାର ୫୦୦ ଟଙ୍କା ପର୍ଯ୍ୟନ୍ତ ପୋଷାକ କ୍ରୟ ଉପରେ ଏଣିକି ଜି.ଏସ୍.ଟି. ୫ ପ୍ରତିଶତ ଦେବାକୁ ପଡ଼ିବ । ବୟନ ଶିଳ୍ପ କ୍ଷେତ୍ରରେ ଏହି ଉଲ୍ଲେଖନୀୟ

ହ୍ରାସ ଦ୍ୱାରା ଏହାର ଦର ହ୍ରାସ ହେବା ସହିତ ଚାହିଦାକୁ ପ୍ରୋତ୍ସାହିତ କରାଯାଇପାରିବ ଏବଂ ରପ୍ତାନୀ ପ୍ରକ୍ରିୟାକୁ ମଧ୍ୟ ଅଧିକ ସୁଦୃଢ଼ କରାଯାଇପାରିବ । ଏହାଦ୍ୱାରା ଭାରତକୁ ବିଶ୍ୱ ବୟନ ଶିଳ୍ପ କ୍ଷେତ୍ରରେ ଏକ ହବ୍‌ରେ ପରିଣତ କରିବା ସ୍ୱପ୍ନ ସାକାର ହୋଇପାରିବ ।

ଆକାଶବାଣୀ କଟକ ଆଞ୍ଚଳିକ ସମ୍ବାଦ ବିଭାଗ ପାଇଁ ମୁଁ ସୁଚିସ୍ମିତା ସାହୁ

Nayagarh

# ଯୌତୁକ ନିଷେଧ ପ୍ରଶିକ୍ଷଣ ଶିବିର

ନୟାଗଡ଼ ଜିଲ୍ଲାରେ ସମାଜ ମଙ୍ଗଳ ବିଭାଗ ପକ୍ଷରୁ ନୟାଗଡ଼ ମିଶନ ଶକ୍ତି ଭବନଠାରେ ଯୌତୁକ ନିରୋଧ ସମ୍ପର୍କରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଯୌତୁକ ଭଳି ଏକ କୁତ୍ସିତ ପ୍ରଥାକୁ ଉଚ୍ଛେଦ କରି ଅଧିନିୟମ ୧୯୬୧କୁ କଡ଼ାକଡ଼ି ଭାବେ କାର୍ଯ୍ୟକରୀ କରିବାକୁ ଶିବିରରେ ଗୁରୁତ୍ୱାରୋପ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

Boudh

# ନିଯୁକ୍ତି ଶିବିର

ବୌଦ୍ଧ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟର ମିଳିତ ସହଯୋଗରେ ଆସନ୍ତା ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ତିନୋଟି ନିଯୁକ୍ତି ଶିବିର

ଆୟୋଜନ କରାଯିବ । ଭାରତୀୟ ସୁରକ୍ଷା କମ୍ପାନୀ ପକ୍ଷରୁ ସୁରକ୍ଷା ଯବାନ୍, କ୍ୟାସ ସର୍ଭିସ୍, ସୁରକ୍ଷା ଅଧିକାରୀ ପଦବୀ ପାଇଁ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଚୟନ ଓ ପଞ୍ଜୀକରଣ ଶିବିର ଅନୁଷ୍ଠିତ ହେବ । ମନୋନୀତ ପ୍ରାର୍ଥୀମାନଙ୍କୁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ପ୍ରଶିକ୍ଷଣ ଦିଆଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

Dhenkanal

## ଆଇଆଇଏମ୍‌ସି- କର୍ମଶାଳା

ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନ– ଆଇ.ଆଇ.ଏମ୍.ସି. ଏବଂ ପୌରସଂସ୍ଥା ପକ୍ଷରୁ ଆଜି 'ସବୁଜ ଢେଙ୍କାନାଳ, ସ୍ୱଚ୍ଛ ଢେଙ୍କାନାଳ' ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ସ୍ୱଚ୍ଛତା ନେଇ ଜନସଚେତନତା ସୃଷ୍ଟି କରିଥିଲେ । ଏଥିରେ ପୌରସଂସ୍ଥାର ଅଧ୍ୟକ୍ଷ ଜୟନ୍ତୀ ପାତ୍ର, ଆଇ.ଆଇ.ଏମ୍.ସି'ର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଆନନ୍ଦ ପ୍ରଧାନ ଯୋଗ ଦେଇଥିଲେ ।

Malkangiri

## ବନ୍ୟପ୍ରାଣୀ ସପ୍ତାହ

ବନ୍ୟପ୍ରାଣୀଙ୍କ ପ୍ରତି କ୍ରୂରତା ରୋକିବା ତଥା ଏନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ପାଳନ କରାଯାଉଛି ।

ମାଲକାନଗିରି ଜିଲ୍ଲା ମାଥିଲି ରେଞ୍ଜ ପକ୍ଷରୁ ଆଜି ଭାଲୁ ଏବଂ ମାନବ ସଂଘର୍ଷ ପ୍ରଶମନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜଙ୍ଗଲ ସୁରକ୍ଷା ତଥା ବନ୍ୟପ୍ରାଣୀଙ୍କ ଆକ୍ରମଣ ଦ୍ୱାରା ମିଳୁଥିବା ଆର୍ଥିକ ଅନୁକମ୍ପା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ରାଜ୍ୟରେ ଗତ ୨ ତାରିଖରୁ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଛି ।

Ganjam

## ବନ୍ୟା କ୍ଷୟକ୍ଷତି ଆକଳନ

ଗଞ୍ଜାମ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯାଇ ସରକାରୀ ମାର୍ଗଦର୍ଶିକା ଅନୁସାରେ ସହାୟତା ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ଭି.କୀର୍ତ୍ତିବାସନ କହିଛନ୍ତି । ଜିଲ୍ଲାରେ ଥିବା ବିଭିନ୍ନ ନଦୀର ଜଳସ୍ତର କମିବା ସହ ଦିଗପହଣ୍ଡିସ୍ଥିତ ଘୋଡ଼ାହାଡ଼ ନଦୀ ବନ୍ଧର ମଧ୍ୟ ଜଳସ୍ତର ହ୍ରାସ ପାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

MET

## ପାଣିପାଗ

କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ସତର୍କ ସୂଚନା ଜାରି କରାଯାଇଛି ।